# Akashvani, Sambalpur

## SAMBALPURI NEWS EVENING BULLETIN

## 28 August 2026-7.02- 7.12 pm.

---

୧- ସୁଭଦ୍ରା ଯୋଜନାର୍ ୫ ନମ୍ବର୍ କିସ୍ତିଥି ୧ କୋଟି ୩ ଲାଖ୍ ୨୬ ହଜାର୍‌ନୁ ଅଏତ୍‌କା ହିତାଧିକାରୀଙ୍କୁ ୫ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ସାହାଜ୍ ଦେଲେ ମୁଖ୍ୟମନ୍ତ୍ରୀ ।

୨- ପ୍ରଧାନ୍‌ମନ୍ତ୍ରୀ ଜନ୍‌ଧନ୍ ଯୋଜ୍‌ନାକେ ଆଏଜ୍ ପୁର୍‌ଲା ୧୨ ବଛର୍ ।

୩- ରାଏଜେ ଖାଦ୍ୟର୍ ଗୁଣବତା ଆଉ ସୁରକ୍ଷାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ଖାଦ୍ୟ ସୁରକ୍ଷା ବିଭାଗ୍ ତର୍‌ଫୁ ମୁଲ୍ ହେଇଛେ ବ୍ୟାପକ୍ ଯାଂଚ୍ ।

ଆଉର୍

୪- ପୁରୀ ଶ୍ରୀମନ୍ଦିର୍ ନ ଗହ୍ମାପୁନି ଅବ୍‌ସରେ ମହାପ୍ରଭୁଙ୍କର୍ କରାଗଲା ରାକ୍ଷୀ ଲାଗି ନୀତି ।

- ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ପାଳିତ୍ ହେଉଛେ ସ୍ୱଭାବ୍ କବି ଗଙ୍ଗାଧର୍ ମେହେର୍‌ଙ୍କର୍ ଜୟନ୍ତୀ ।

ସୁଭଦ୍ରା        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାଏ ବହେନ୍‌ର ସମ୍ପର୍କକେ ଅଏତ୍‌କା ନିବିଡ଼ କର୍‌ବାର୍‌ଥି ରାଖୀପୁନିର୍ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ । ରାକ୍ଷୀ ବାନ୍ଧ୍‌ଲା ଉତ୍‌ରୁ ଭଉଣୀର୍ ସୁରକ୍ଷା ଲାଗି ଗୁଟେ ଭାଏ ପ୍ରତିବଦ୍ଧ ହେସି ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ନୟାଗଡ଼୍ ଜିଲ୍ଲା ଲାଠିପଡ଼ା ଟାଙ୍ଗି ପଡ଼ିଆ ଠାନେ ଆୟୋଜିତ୍ କାର୍ଯ୍ୟକ୍ରମ୍‌ଥି ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ବର କିସ୍ତି ଦେବାର୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ରକ୍ଷା ବନ୍ଧନ୍‌ର ଉପହାର୍ ବାଗିର୍ ଆଏଜ୍ ରାଜ୍ୟର୍ ସବୁ ସୁଭଦ୍ରା ଭଉଣୀମାନ୍‌କୁ ୫ ହଜାର୍‌ନୁ ଅଏତ୍‌କା କୋଟିର ଆର୍ଥିକ୍ ସାହାଜ୍ ଦିଆଯାଇଛେ । ରାଜ୍ୟର୍ ଫି' ମହିଳାଙ୍କର୍ ସୁରକ୍ଷା ଆଉ ସମ୍ମାନ୍ ଲାଗି ସର୍‌କାର୍ ସଂକଳ୍ପ ବଦ୍ଧ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ବର୍ କିସ୍ତିଥି ୧ କୋଟି ନ ଲାଖ୍ ୨୬ ହଜାର୍ ୨ ଶହ ୬୨ ଝନ୍ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜ୍‌ନାର୍ ସାହାଜ୍ ଟଙ୍କା ଦିଆଯାଇଛେ । ପହେଲାଥର୍ ଲାଗି ରାଜ୍ୟର୍ ୨ ଲାଖ୍ ୨୧ ହଜାର୍ ୫୪ ଝନ୍ ମହିଳାଙ୍କୁ ସୁଭଦ୍ରା ଯୋଜ୍‌ନାର୍ ସାହାଜ୍

ଟଙ୍କା ଦିଆଯାଇଛେ । ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏକାଥର୍‌କେ ୫ ଟା କିସ୍ତି ମିଲିଛେ । ଧାରିଜ୍ ଲକ୍ଷ୍ୟ ଆଘୋନୁ ୨୭ ଲାଖ୍ ଲକ୍ଷପତି ଦିଦି ତିଆର୍ କରିକରି ଓଡ଼ିଶା ଦେଶେ ପହେଲାଠାନେ ରହିଛେ ବଲି ମୁଖ୍ୟମନ୍ତ୍ରୀ ଖୁସି ଜାହିର୍ କରିଛନ୍ ।

ସୁଭଦ୍ରା ସାହାଜ୍ ଟଙ୍କା ମହିଲାମାନ୍‌କର୍ ବହୁତ୍ ଦିନର୍ ସପନ୍ ସାକାର୍ କର୍‌ବାର୍‌ଥି ସାହାଜ୍ କର୍‌ବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ମହିଲାମାନ୍‌କୁ ସଶକ୍ତ କର୍‌ବାର୍ ସହେତେ ସମୃଦ୍ଧ ଓଡ଼ିଶା ଆଉ ବିକଶିତ୍ ଭାରତ୍ ଗଠନ୍ ଦିଗେ ସୁଭଦ୍ରା ଯୋଜ୍‌ନା ବିକାଶ୍‌ର ଆଧାର୍ ହେବା ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ସମ୍ବଲ୍‌ପୁର୍ ଜିଲ୍ଲାର୍ ଝନେ ହିତାଧିକାରୀ ମମତା ମିଶ୍ର ତାଙ୍କର ପ୍ରତିକ୍ରିୟାଥି କହିଛନ୍,

(ଭଏସ୍ ଓଭର୍- ମମତା ମିଶ୍ର)

ଇ ଅବ୍‌ସରେ ବାଚସ୍ପତି ସୁରମା ପାଢ଼ୀ ଆଉ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା - ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧିଛନ୍ ।

ସୁଭଦ୍ରା-୧ ସମ୍ବଲପୁର/ ବଲାଙ୍ଗିର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ ଯୋଜ୍‌ନାର୍ ୫ ନମ୍ବର୍ କିସ୍ତି ବାଂଟିଛନ୍ । ଇ ଅବ୍‌ସରେ ଜିଲ୍ଲାର୍ ୨ ଲାଖ୍ ୪୧ ନୁ ଅଏତ୍‌କା ହିତାଧିକାରୀଙ୍କୁ ଶହେ ୨୦ କୋଟି ଟଙ୍କା ବଂଟାଯାଇଛେ ।

ବଲାଙ୍ଗିର୍ ଭୀମଭୋଇ ମେଡ଼ିକାଲ୍ କଲେଜ୍ ଆଉ ହସ୍ପଟାଲ୍ ପ୍ରେକ୍ଷାଳୟ ନ ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ବର୍ କିସ୍ତି ବାଂଟ୍‌ବାର୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ସୁଭଦ୍ରା ଯୋଜ୍‌ନା ଖାଲି ଆର୍ଥିକ୍ ସାହାଜ୍ ନୁହେଁ, ଓଡ଼ିଶା ନାରୀ ଶକ୍ତି ଲାଗି ସ୍ୱାବଲମ୍ବନ୍‌ର ନୂଆଁ ସୂର୍ଯ୍ୟୋଦୟ ବଲି କହିଛନ୍ ।

ସୁଭଦ୍ରା- ଜିଲ୍ଲା ସୁବର୍ଣ୍ଣପୁର୍/ ବର୍‌ଗଡ଼୍/ ଦେବ୍‌ଗଡ଼୍

ବର୍‌ଗଡ଼୍ ଜିଲ୍ଲା ଯଦୁମଣି ଅଡ଼ିଟୋରିୟମ୍ ନ ହେଇଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ହିତାଧିକାରୀମାନ୍‌କୁ ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ବର୍ କିସ୍ତି ଜିଲ୍ଲାର୍ ଦିଆଯାଇଛେ । କାର୍ଯ୍ୟକ୍ରମ୍‌ଥି ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ବିଜେପୁର୍ ଆଉ ବର୍‌ଗଡ଼୍ ବିଧାୟକ୍, ଜିଲ୍ଲାପାଲ୍ ପ୍ରମୁଖ୍ ଉପସ୍ଥିତ୍ ଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଟାଉନ୍‌ହଲ୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ବଲାଙ୍ଗିର୍ ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଜିଲ୍ଲାର୍ ୧ ଲାଖ୍ ୪୩ ହଜାର୍ ୫ ଶହ ୫୪ ଝନ୍ ମହିଳାଙ୍କୁ ଇଥର ସୁଭଦ୍ରା ସାହାଜ୍ ଟଙ୍କା ହସ୍ତାନ୍ତର୍ କରାଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲା ପଶ୍ଚିମ ଓଡ଼ିଶା ବିକାଶ୍ ପରିଷଦ୍ ପ୍ରେକ୍ଷାଳୟ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ ସୁଭଦ୍ରା ସାହାଜ୍‌ର ୫ ନମ୍ବର୍ କିସ୍ତି ବାଂଟିଛନ୍ ।

ସୁଭଦ୍ରା-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ରେଲ୍‌ୱେ ଫାଟକ୍ ପାଶେ ଥିବା ବହୁମୁଖୀ ହଲ୍ ଠାନେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜିଲ୍ଲାର୍ ୧ ଲାଖ୍ ୬୭ ହଜାର୍ ୯୪ ଝନ୍ ହିତାଧିକାରୀଙ୍କୁ ସୁଭଦ୍ରା ସାହାଜ୍ ଟଙ୍କା ବାଂଟିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ଜନଧନ୍ ଯୋଜ୍‌ନା                ଆର୍‌ଏନ୍‌ୟୁ/ କଟକ୍

ଭାରତ୍‌ର ଆର୍ଥିକ୍ କ୍ଷେତ୍ରକେ ବର୍‌କସ୍ କରିକରି ଗୁଟେ ବୈପ୍ଳବିକ୍ ପରିବର୍ତ୍ତନ୍ ଆନିଥିବା ପ୍ରଧାନ୍‌ମନ୍ତ୍ରୀ ଜନଧନ୍ ଯୋଜ୍‌ନାକେ ଆଏଜ୍ ୧୨ ବଛର୍ ପୁରା ହେଇଛେ । ୨୦୧୪ ମସିହା ଅଗଷ୍ଟ ମାସର୍ ୨୮ ତାରିଖ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଯୋଜ୍‌ନାର୍ ଶୁଭାରମ୍ଭ କରିଥିଲେ । ଅର୍ଥ ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ ଏବ୍‌ତକ୍ ଇ ଯୋଜ୍‌ନାଥି ୫୯ କୋଟିନୁ ଅଏତ୍‌କା ବେଙ୍କ ଖାତା ଖୁଲାଯାଇଛେ । ଇଥି ୩ ଲାଖ ୧୭ ହଜାର୍ କୋଟିନୁ ଅଏତ୍‌କା ଟଙ୍କା ଜମା କରାଯାଇଥିବା ଜନାପଡ଼ିଛେ । ପୁର୍‌ଥିର୍ ସବୁନୁ ବଡ଼ ଆର୍ଥିକ୍ ଅନ୍ତର୍ଭୁକ୍ତି ପଦକ୍ଷେପ୍ ଭାବେ

ପିଏମ୍ ଜନ୍ଧନ୍ ଯୋଜ୍ନା ସବୁ ଭାରତୀୟଙ୍କୁ ବେଙ୍କ୍ ସେବା ଯୁଗେଇ ଦେବାର୍ଥି ସଫଲ୍ ହେଇଛେ । ଫି’ ଏକାଉଂଟ୍ଥି କମ୍ସେକମ୍ ୫ ହଜାର୍ ୩ ଶହ ୫୬ ଟଙ୍କା ଜମା ରାଶି ହେଇଛେ । ଇ ଯୋଜ୍ନାଥି ଗ୍ରାମୀଣ୍ ଆଉ ଅର୍ଦ୍ଧସହରାଂଚଲ୍ ନ ୭୮ ପ୍ରତିଶତ୍ ଏକାଉଂଟ୍ ଖୁଲାଯାଇଥିବାର୍ ବେଲେ ୫୬ ପ୍ରତିଶତ୍ ମହିଲା ବେଙ୍କ୍ ଏକାଉଂଟ୍ ଖୁଲ୍ବାର୍ଥି ସକ୍ଷମ୍ ହେଇଛନ୍ ।

ଖାଦ୍ୟ ସୁରକ୍ଷା ବିଭାଗ୍- ନମୁନା ଯାଂଚ୍ ଆଇ.ଆଣ୍ଡ୍.ପି.ଆର୍

ଆଏବା ପାର୍ବଣ ଋତୁକେ ନଜର୍ଥି ରଖିକରି ରାଏଜେ ଖାଦ୍ୟର୍ ଗୁଣବତା ଆଉ ସୁରକ୍ଷାକେ ସୁନିଶ୍ଚିତ୍ କର୍ବାର୍ ଲକ୍ଷ୍ୟଥି ଖାଦ୍ୟ ସୁରକ୍ଷା ବିଭାଗ୍ ତର୍ଫୁ ବ୍ୟାପକ୍ ଯାଂଚ୍ କରାଯାଉଛେ । ଅଭିଯାନ୍ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା, ଉପଖଣ୍ଡ, ପୌରାଂଚଲ୍ ବାଗିର୍ ଇଲାକା ନ ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନ୍ ମାନ୍କେ ଯାଂଚ୍ କରାଯାଇକରି ଅପମିଶ୍ରିତ୍ ଖରାପ୍ ଖାଏବାର୍ ଜିନିଷ୍ ମାନ୍କୁ ନଷ୍ଟ କରାଯିବାର୍ ସହେତେ

ପ୍ରତିଷ୍ଠାନ୍ ବିରୋଧିଥି କାର୍ଯ୍ୟାନୁଷ୍ଠାନ୍ ନିଆଯାଇଛେ । ଇ ଅଭିଯାନ୍‌ଥି ଏବ୍‌ତକ୍ ୩ ହଜାର୍ ୬ ଶହ ୫ କେଜି ଖରାପ୍ ଖାଏବାର୍ ଜିନିଷ୍ ନଷ୍ଟ୍ କରାଯାଇଥିବାର୍ ବେଲେ ୪ ଶହ ୭୫ ଟା ଖାଦ୍ୟ ନମୁନା ପରୀକ୍ଷା ଲାଗି ଠୋଲ୍ କରାଯାଇଛେ । ଇତାର୍‌ସହେତେ ୨ ଲାଖ୍ ୮୪ ହଜାର୍ ୫ ଶହ ଟଙ୍କାର୍ ଜରିମାନା ଭିଲ୍ ଆଦାୟ କରାଯାଇଛେ । ଇ ଅଭିଯାନ୍ ଜରିଏ ଉପଭୋକ୍ତାମାନ୍‌କୁ ସୁରକ୍ଷିତ୍ ଆଉ ସ୍ୱଚ୍ଛ ଖାଦ୍ୟ ଯୋଗାଣ ସୁନିଶ୍ଚିତ୍ କର୍‌ବାର୍ ଆଉ ଖାଦ୍ୟ ବ୍ୟବସାୟୀମାନ୍‌କର୍ ନ ଖାଦ୍ୟ ସୁରକ୍ଷା ମାନଦଣ୍ଡ ଲାଗି ସଚେତନତା ବଢ଼ାବାର୍ ଉପ୍‌ରେ ବିଭାଗ୍ ଜୋର୍ ଦଉଛେ ।

ବଲଭଦ୍ର ଜନ୍ମ ପୁରୀ ସମ୍ବାଦଦାତା

ପବିତ୍ର ଗହ୍ମାପୁନି ଅବ୍‌ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କୁ ରାକ୍ଷୀ ଲାଗି କରାଯାଇଛେ । ଇତାର୍ ସହେତେ ଆଉ କିଛି ସମିଆ ଉତ୍‌ରୁ ପ୍ରଭୁ ବଲଭଦ୍ରଙ୍କର୍ ଜନ୍ମୋତ୍ସବ ନୀତି ଭିଲ୍ କରାଯିବା । ଶ୍ରୀମନ୍ଦିର ପାଟରା

ବିଶୋଇ ସେବକ୍ ମାନ୍‌କର୍ ତର୍‌ଫୁ ପ୍ରସ୍ତୁତ ସ୍ୱତନ୍ତ୍ର ରାକ୍ଷୀ ଆଉ ଗୁଆମାଳ କେ ସିଂହାରୀ ସେବକ୍‌ମାନେ ମାହାପୁରୁମାନ୍‌କୁ ଲାଗି କରେଇଛନ୍ । ମଧ୍ୟାହ୍ନ ଧୂପ ଉତ୍‌ରୁ ପ୍ରଭୁ ସୁଦର୍ଶନ୍ ଚାରି ଆସନ୍‌କେ ବିଜେ କର୍‌ବେ । ମାର୍କଣ୍ଡ ପୁଷ୍କରିଣୀ ନ ତାର୍ ଉତ୍‌ରୁ ବଳଭଦ୍ରଙ୍କର୍ ଜନ୍ମନୀତି କରାଯିବା । ବିଧି ଅନ୍‌ସାରେ ମାଟିର ବଳଭଦ୍ର ପ୍ରତିମାଙ୍କୁ ପୂଜାପଣ୍ଡା ସେବକ୍ ଜୀବନ୍ୟାସ୍ ଦେବାର୍ ଉତ୍‌ରୁ ଜାତକର୍ମ କରାଯିବା । ପଂଚ ଉପଚାର୍, ଶୀତଳ ମଣୋହି ଆଉ ବନ୍ଦାପନା କରାଯାଇକରି ବଳଭଦ୍ରଙ୍କର୍ ମାଟି ପ୍ରତିମାକେ ମାର୍କଣ୍ଡ ପୁଷ୍କରିଣୀ ନ ବିସର୍ଜନ୍ କରାଯିବା ।

## ଗଙ୍ଗାଧର୍ ମେହେର- ଜୟନ୍ତୀ

ସମ୍ବଲପୁର ସମ୍ବାଦଦାତା

ସ୍ୱଭାବକବି ଗଙ୍ଗାଧର୍ ମେହେର୍‌ଙ୍କର୍ ଆଏଜ୍ ଜନମ୍‌ଦିନ୍ । ୧୮୬୨ ମସିହା ଶରାବନ୍ ପୁନି ଦିନ ଇ ଯୋଗଜନ୍ମା କବି ଅବିଭକ୍ତ ସମ୍ବଲ୍‌ପୁର୍ ଜିଲ୍ଲାର୍ ବର୍‌ପାଲି ନ ଜନମ୍ ହେଇଥିଲେ । ଆଲୋକ ଆଉ ଅମୃତର କବି କୁହାଯାଉଥିବା ଗଙ୍ଗାଧର୍ ମେହେର୍‌ଙ୍କର୍

ତପସ୍ୱିନୀ, ପ୍ରଣୟବଲ୍ଲରୀ, ଇନ୍ଦୁମତୀ, କିଚକବଧ ଆର୍ ଅର୍ଘ୍ୟଥାଳି କବିତା ଗ୍ରନ୍ଥ ତାଙ୍କର୍ ସାରସ୍ୱତ ସାଧନାର ଅମର ସୃଷ୍ଟି ଆଏ ।

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ତାଙ୍କର୍ ଜୟନ୍ତୀ ପାଲନ୍ କରାଯାଉଛେ । ସମ୍ବଲ୍‌ପୁର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ପରିସର୍ ନ ସ୍ୱଭାବକବିଙ୍କର୍ ଜୟନ୍ତୀ ଆଏଜ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ପୁରୀ ଓଡ଼ିଆ ବିଶ୍ୱବିଦ୍ୟାଳୟର୍ କୁଳପତି ପ୍ରଫେସର୍ ସତ୍ୟନାରାୟଣ୍ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ବକ୍ତାମାନେ କବିଙ୍କର୍ କାଳଜୟୀ ରଚନା ବାବ୍‌ଦେ ଆଲୋଚନା କରିଥିଲେ ।

ସଂସ୍କୃତ ଦିବସ ଆର୍‌ଏନ୍‌ୟୁ/ କଟକ୍

ଭାରତ୍‌ର ପ୍ରାଚୀନ୍ ଆଉ ସମୃଦ୍ଧ ଭାଷା -ସଂସ୍କୃତିର୍ ଗୌରବ୍, ମହତ୍ୱ ଆଉ ଐତିହ୍ୟକେ ସୁର୍‌ତା କର୍‌ବାର୍ ଲାଗି ଫି' ବଛର୍ ଶ୍ରାବଣ୍ ପୁନିକେ ବିଶ୍ୱ ସଂସ୍କୃତ ଦିବସ୍ ଭାବେ ପାଲନ୍ କରାଯାଏସି । ସଂସ୍କୃତ୍ ଭାଷା ଭାରତୀୟ ଜ୍ଞାନ୍ ଆଉ ସଂସ୍କୃତିର

ମୁଲ୍ ଆଧାର୍ ଆଏ । ବେଦ ଉପନିଷଦ୍, ରାମାୟଣ୍, ମହାଭାରତ୍, ପୁରାଣ୍ ଦର୍ଶନ୍, ଆୟୁର୍ବେଦ୍ ଆଉ ଭିନ୍ ଭିନ୍ ଶାସ୍ତ୍ରୀୟ ଗ୍ରନ୍ଥ ସଂସ୍କୃତ ଭାଷାଥି ଲେଖାଯାଇଛେ ।

କ୍ରୀଡ଼ା ଦିବସ୍         ସୁବର୍ଣ୍ଣପୁର୍ ସମ୍ବାଦଦାତା

ହକି ଖେଲାଳି ମେଜର ଧ୍ୟାନ୍‌ଚାନ୍ଦ୍‌ଙ୍କର୍ ଜନମ୍‌ଦିନ୍‌କେ ସୁର୍‌ତା କରିକରି ଇ ବଛର୍ ଜାତୀୟ କ୍ରୀଡ଼ାଦିବସ୍ ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏଜ୍‌ଠାନୁ ମୁଲ୍ ହେଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଏଞ୍ଜଲିନା ପ୍ରଧାନ୍ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ଖେଲାଳିମାନ୍‌କୁ ଉତ୍ସାହିତ୍ କରିଛନ୍ । ୩ ଦିନ୍ ଧରିକରି ଚାଲ୍‌ବାର୍‌କେ ଥିବା ଉତ୍ସବ୍‌ଥି ଭିନ୍ ଭିନ୍ ଖେଲ୍ ଭିତିକ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ ।

ପାଣିପାଗ/ହୀରାକୁଦ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ର ପ୍ରଭାବ୍‌ଥି ଆଏବା କାଏଲ୍ ସଖାଲ୍‌ତକ୍ ରାଜ୍ୟର୍ ଦକ୍ଷିଣ ଆଉ ପଶ୍ଚିମ ଇଲକାର୍ ୧୩ ଟା ଜିଲ୍ଲା ନ ବର୍ଷା ହେବା ବଲି ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇତାର୍‌ସହେତେ ଆଏଜ୍ ମୟୁର୍‌ଭଞ୍ଜ୍ ଆର୍ କେନ୍ଦୁଝର୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଅତିଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।